# NATIONAL NEWS BULLETIN (ODIA)

## 31 October - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଆର୍ଯ୍ୟ ସମାଜର ୧୫୦ ବର୍ଷ ପୂର୍ତ୍ତି ଅବସର କେବଳ କୌଣସି ସମାଜ ବା ସମ୍ପ୍ରଦାୟର ଅଂଶ ନୁହେଁ ବରଂ ଭାରତର ବୈଦିକ ପରିଚୟ ।
- ବିକଶିତ ଭାରତର ସ୍ୱପ୍ନ ସାକାର କରିବା ଲାଗି ଉତ୍ସର୍ଗୀକୃତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।
- ସାମୁଦ୍ରିକ ମାର୍ଗ ସୁରକ୍ଷିତ କରିବା ଦେଶର ସର୍ବୋଚ୍ଚ ପ୍ରାଥମିକତା, କହିଲେ ପ୍ରତିରକ୍ଷା ମନ୍ତ୍ରୀ ।
- ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନାଗରୀକମାନଙ୍କୁ ହେଉଛି ସହାୟକ ।

ଏବଂ

- ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟି-ଟ୍ୱେଣ୍ଟି କ୍ରିକେଟ୍ ମ୍ୟାଚ୍‌ରେ ଭାରତର ଶୋଚନୀୟ ପରାଜୟ ।

# ପିଏମ୍-ଆର୍ଯ୍ୟ ସମ୍ମିଳନୀ

ଆର୍ଯ୍ୟ ସମାଜ ନିର୍ଭିକ ଭାବେ ଭାରତୀୟତା ବିଷୟରେ କଥାବାର୍ତ୍ତା କରୁଥିବା ଏକ ଦୃଢ଼ ରାଷ୍ଟ୍ରବାଦୀଙ୍କ ସଂଗଠନ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସେ କହିଛନ୍ତି, ଲାଲା ଲଜପଥ ରାୟ ଏବଂ ରାମପ୍ରସାଦ ବିସ୍‌ମିଲ୍‌ଙ୍କ ପରି କ୍ରାନ୍ତୀକାରୀମାନେ ଆର୍ଯ୍ୟ ସମାଜରୁ ପ୍ରେରଣା ପାଇଥିଲେ । ଆଜି ନୂଆଦିଲ୍ଲୀରେ ଆନ୍ତର୍ଜାତିକ ଆର୍ଯ୍ୟ ମହାସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ଆର୍ଯ୍ୟ ସମାଜର ୧୫୦ ବର୍ଷ ପୂର୍ତ୍ତି ଅବସର କେବଳ କୌଣସି ସମାଜ ବା ସମ୍ପ୍ରଦାୟର ଏକ ଅଂଶ ନୁହେଁ ବରଂ ଏହା ଭାରତର ବୈଦିକ ପରିଚୟ ବିଷୟରେ ।

**V/O-1-PM-MODI-ON-150-YEARS**

ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱାମୀ ଦୟାନନ୍ଦ ଜଣେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ଥିଲେ । ଭାରତକୁ ପ୍ରଗତି ହାସଲ କରିବାକୁ ହେଲେ କେବଳ ଔପନିବେଶବାଦରୁ ମୁକ୍ତ ହେବା ଆବଶ୍ୟକ ନୁହେଁ ବରଂ ସମାଜକୁ ପ୍ରଭାବିତ କରୁଥିବା ସାମାଜିକ ଅନ୍ୟାୟରୁ ମୁକ୍ତି ଆବଶ୍ୟକ ବୋଲି ସ୍ୱାମୀ ଦୟାନନ୍ଦ ବୁଝିଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସ୍ୱାମୀ ଦୟାନନ୍ଦ ଭେଦଭାବ ଏବଂ ଅସ୍ପୃଶ୍ୟତାକୁ ବିରୋଧ କରୁଥିଲେ ଏବଂ ଏକ ସମାନ ସମାଜ ଗଠନର ପ୍ରୟାସ ପାଇଁ ଆହ୍ୱାନ ଦେଇଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଭୂମି ଏହାର ସଭ୍ୟତା ଏବଂ ଏହାର ବୈଦିକ ପରମ୍ପରା ଅନନ୍ତ, କାରଣ ପ୍ରତ୍ୟେକ ଯୁଗରେ ଯେତେବେଳେ ନୂତନ ଆହ୍ୱାନ ଆସେ

କିଛି ମହାନ ବ୍ୟକ୍ତିତ୍ୱ ଆର୍ବିର୍ଭୂତ ହୁଅନ୍ତି । ମାତ୍ର ଦୁଇ ଦିନ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ ରାଫେଲ୍ ଯୁଦ୍ଧ ବିମାନ ଉଡ଼ାଇଥିଲେ ଏବଂ ସ୍କ୍ୱାର୍ଡନ୍ ଲିଡର୍ ଶିବାଙ୍ଗୀ ସିଂହ ତାଙ୍କର ସାଥୀ ଥିଲେ । ଆଜି ଦେଶର ଝିଅମାନେ ଯୁଦ୍ଧ ବିମାନ ଉଡ଼ାଉଛନ୍ତି ଏବଂ ଡ୍ରୋନ୍ ଦିଦି ହୋଇ ଆଧୁନିକ କୃଷିକୁ ପ୍ରୋତ୍ସାହିତ କରୁଛନ୍ତି । ଭାରତରେ ବିଶ୍ୱର ସର୍ବାଧିକ ସଂଖ୍ୟକ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ମହିଳା ସ୍ନାତକ ରହିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆଜି ଭାରତ ସ୍ଥାୟୀ ବିକାଶ ଦିଗରେ ଏକ ପ୍ରମୁଖ ଦେଶ ଭାବେ ଉଭା ହୋଇଛି । ଏହି ସମ୍ମିଳନୀରେ ଭାରତ ଏବଂ ବିଦେଶର ଆର୍ଯ୍ୟ ସମାଜ ୟୁନିଟ୍ ଗୁଡ଼ିକର ପ୍ରତିନିଧିମାନଙ୍କୁ ଏକତ୍ର କରିଛି ।

## ପିଏମ୍-ଗୁଜୁରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାଗରିକମାନଙ୍କୁ ଏକତ୍ରିତ ହୋଇ ଦେଶର ଉନ୍ନତି ଲାଗି ନିଜକୁ ଉତ୍ସର୍ଗ କରିବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ଲାଗି ସମସ୍ତଙ୍କୁ ଏକ ଭାବରେ କାର୍ଯ୍ୟ କରିବାକୁ ପଡିବ । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଏକତା ନଗରରେ ଅନୁଷ୍ଠିତ ରାଷ୍ଟ୍ରୀୟ ଏକତା ଦିବସ ସମାରୋହରେ ଏକ ବିଶାଳ ସମାବେଶକୁ ସମ୍ବୋଧିତ କରି

ପ୍ରଧାନମନ୍ତ୍ରୀ କହିଛନ୍ତି ୨୦୧୪ ପରଠାରୁ ସରକାର ନକ୍ସଲବାଦ ଏବଂ ଆତଙ୍କବାଦକୁ ଶେଷ କରିବା ଲାଗି ଉଦ୍ୟମ ଜାରି ରଖିଛନ୍ତି ।

ଭାରତର ସମୃଦ୍ଧ, ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଐତିହ୍ୟ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି ବିଭିନ୍ନ ଅଞ୍ଚଳ ଏବଂ ଧର୍ମର ଲୋକଙ୍କୁ ବାନ୍ଧିରଖିବା କ୍ଷେତ୍ରରେ ଭାଷାର ସର୍ବୋତ୍ତମ ମହତ୍ୱ ରହିଛି । ଭାରତୀୟ ଭାଷାଗୁଡ଼ିକ ଏକତାର ପ୍ରତୀକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ରାଜନାଥ-ଡିଫେନ୍ସ ମିଟ୍

ସାମୁଦ୍ରିକ ନିରାପତ୍ତା ଭାରତ-ଆସିଆନ ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ସେ ଆସିଆନ ଭାରତ-ସାମୁଦ୍ରିକ ସମରାଭ୍ୟାସର ଦ୍ୱିତୀୟ ସଂସ୍କରଣରେ ଅଂଶଗ୍ରହଣ ପାଇଁ ସହମତ ହୋଇଥିବାରୁ ଆସିଆନ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ପ୍ରଶଂସା କରିଛନ୍ତି । ଆଜି କ୍ୱାଲାଲମ୍ପୁରରେ ଆସିଆନ୍-ଭାରତ ପ୍ରତିରକ୍ଷା ମନ୍ତ୍ରୀଙ୍କ ଅନୌପଚାରିକ ବୈଠକରେ ଉଦ୍‌ଘାଟନୀ ଭାଷଣ ଦେଇ ସେ କହିଛନ୍ତି, ସାମୁଦ୍ରିକ ମାର୍ଗ ସୁରକ୍ଷିତ କରିବା ଦେଶର ସର୍ବୋଚ୍ଚ ପ୍ରାଥମିକତା । ଭାରତ ଅଧାରୁ ଅଧିକ ବାଣିଜ୍ୟ, ଦକ୍ଷିଣ ଚୀନ୍ ସାଗର ଏବଂ ମଲ୍ଲାକା ପ୍ରଣାଳୀ ଦେଇ ଗତି କରେ । ଶ୍ରୀ ସିଂହ କହିଛନ୍ତି, ଭାରତ ବିପର୍ଯ୍ୟୟ ସହାୟତା,

ଆତଙ୍କବାଦ ବିରୋଧୀ ଏବଂ ସାମୁଦ୍ରିକ ସୁରକ୍ଷାରେ ଯୋଗଦାନ କରି ଆସୁଛି ଏବଂ ଦକ୍ଷିଣ ଚୀନ୍ ସାଗରରେ ଜାହାଜ ଚଳାଚଳ ସ୍ୱାଧୀନତା ଓ ଆନ୍ତର୍ଜାତିକ ଆଇନ୍ ପାଳନକୁ ସମର୍ଥନ କରୁଛି । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଆଜିର ଅନିଶ୍ଚିତ ବିଶ୍ୱରେ ଆସିଆନ୍-ଭାରତ ସମ୍ପର୍କ ସ୍ଥିରତାର ଏକ ଦୃଢ଼ ସ୍ତମ୍ଭ ହୋଇ ରହିବ । ଆସିଆନ ଏବଂ ଭାରତ ଉଭୟ ଦ୍ରୁତ ଆର୍ଥିକ ଅଭିବୃଦ୍ଧି ଦେଖାଇଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି । ସେ ଆସିଆନ୍ ସହିତ ବାଣିଜ୍ୟ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ଆସିଆନ-ଭାରତ ବାଣିଜ୍ୟ ସାମଗ୍ରୀ ଚୁକ୍ତିନାମାର ସମୀକ୍ଷା ଖୁବ୍ ଶୀଘ୍ର ସମାପ୍ତ କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ।

**V/O-RAJNATH-ON-TRADE-AGREEMENT**

ଜାତିସଂଘ ଶାନ୍ତିରକ୍ଷା ଅଭିଯାନରେ ମହିଳାମାନଙ୍କ ପାଇଁ ଆସିଆନ-ଭାରତ ପଦକ୍ଷେପର ଦ୍ୱିତୀୟ ସଂସ୍କରଣ ପ୍ରସ୍ତାବ ଦେଇ ଶ୍ରୀ ସିଂହ କହିଛନ୍ତି, ମହିଳା ଶାନ୍ତିରକ୍ଷୀଙ୍କ ନିୟୋଜନ ଦ୍ୱନ୍ଦ୍ୱ ସମାଧାନକୁ ଅଧିକ ସହଜ କରିବା ସହ ଏକ ନ୍ୟାୟପୂର୍ଣ୍ଣ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ମହତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ।

ଆସିଆନ-ଭାରତ ସାମୁଦ୍ରିକ ଅଭ୍ୟାସ ଏବଂ ଆନ୍ତର୍ଜାତିକ ନୌସେନା ସମୀକ୍ଷା ୨୦୨୬ ଭାରତରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ସିଂହ କହିଛନ୍ତି । ଏହି ବୈଠକକୁ ସଫଳତାର ସହ ଆୟୋଜନ କରିଥିବାରୁ ଆସିଆନର ଅଧ୍ୟକ୍ଷ ଭାବେ ମାଲେସିଆକୁ ପ୍ରତିରକ୍ଷା ମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି ।

# ଜିଏସ୍‌ଟି ରିଫର୍ମସ-ହେଲ୍‌ଥ କେୟାର୍

ସମଗ୍ର ଦେଶରେ ସେପ୍ଟେମ୍ବର ୨୨ ତାରିଖରୁ ଜିଏସ୍‌ଟି ସଞ୍ଚୟ ଉତ୍ସବ ପାଳନ କରାଯାଉଛି । ନରେନ୍ଦ୍ର ମୋଦୀ ସରକାର ଅନେକ କ୍ଷେତ୍ରରେ ଜିଏସ୍‌ଟି ହାର ହ୍ରାସ କରିଛନ୍ତି । ଯାହା ସାରା ଦେଶର ନାଗରୀକଙ୍କୁ ଲାଭ ପହଞ୍ଚାଇଛି । ଆସନ୍ତୁ ଜାଣିବା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜି.ଏସ୍.ଟି. ହ୍ରାସ କିପରି ନାଗରୀକଙ୍କୁ ସହାୟକ ହେଉଛି ।

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଅଧୀନରେ ସରକାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଟିକସ ହ୍ରାସ କରିଛନ୍ତି । ସ୍ୱାସ୍ଥ୍ୟ ଏବଂ ଜୀବନବିମା ପ୍ରିମିୟମ୍ ଉପରେ ଦ୍ରବ୍ୟ ଏବଂ ସେବାକର ଯାହା ପୂର୍ବରୁ ୧୮ ପ୍ରତିଶତ ଥିଲା ବର୍ତ୍ତମାନ ଏହା ଟିକସମୁକ୍ତ ହୋଇଛି । ଏହି ପଦକ୍ଷେପ ସ୍ୱାସ୍ଥ୍ୟବୀମାକୁ ବ୍ୟାପକ ଭାବେ ଗ୍ରହଣ କରିବାକୁ ଉତ୍ସାହିତ କରିବ । ବିଶେଷ କରି ମଧ୍ୟବିତ ପରିବାର ପାଇଁ ପକେଟ୍‌ରୁ ଚିକିତ୍ସା ଖର୍ଚ୍ଚ ହ୍ରାସ କରିବ ବୋଲି ଆଶା କରାଯାଉଛି । ସରକାର ଦୀର୍ଘକାଳୀନ ରୋଗର ସୁଲଭ ଏବଂ ଦୀର୍ଘକାଳୀନ ଚିକିତ୍ସା ପ୍ରଦାନ କରିବା ପାଇଁ କର୍କଟ ଓ ଗୁରୁତର ରୋଗର ଚିକିତ୍ସା ପାଇଁ ବ୍ୟବହୃତ ୩୩ଟି ଜୀବନରକ୍ଷାକାରୀ ଔଷଧ ଉପରୁ ଟିକସ ଛାଡ଼ କରିଛନ୍ତି । ନୂତନ ଟିକସ ନୀତି ଅନୁଯାୟୀ ଗଜ୍, ବ୍ୟାଣ୍ଡେଜ୍, ଡାଇନୋଷ୍ଟିକ୍ କିଟ୍, ଗ୍ଲୁକୋ ମିଟର ଏବଂ ଥର୍ମୋ ମିଟର ଭଳି ଔଷଧ ଓ ଚିକିତ୍ସା ଉପକରଣ ଉପରେ ଜିଏସ୍‌ଟି ୫ ପ୍ରତିଶତକୁ ହ୍ରାସ କରାଯାଇଛି ।

## ରେଳମନ୍ତ୍ରୀ-ଓଡ଼ିଶା

କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସିବେ । ଶ୍ରୀ ବୈଷ୍ଣବ ଭୁବନେଶ୍ୱରର ଇନ୍‌ଫୋ ଭ୍ୟାଲିଠାରେ ସେମିକଣ୍ଡକ୍ଟର ନିର୍ମାଣ ୟୁନିଟ୍‌ର ଭୂମିପୂଜନ ସମାରୋହରେ ଯୋଗଦେବେ । ଏହାସହ ଲୋକସେବା ଭବନରେ ରାଜ୍ୟରେ ରେଳ ଭିତ୍ତିଭୂମି ଉନ୍ନତ ପାଇଁ ରେଳ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ କାର୍ଯ୍ୟକ୍ରମ ରହିଛି । ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଚାଲିଥିବା ପୁନଃ ବିକାଶ ଆଧୁନିକୀକରଣ କାର୍ଯ୍ୟ ସମୀକ୍ଷା କରିବା ପାଇଁ ଶ୍ରୀ ବୈଷ୍ଣବ ଭୁବନେଶ୍ୱର ରେଳ ଷ୍ଟେସନ ପରିଦର୍ଶନ କରିବେ । କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ଓଡ଼ିଶାରେ ଭିତ୍ତିଭୂମି ଅଭିବୃଦ୍ଧି, ଶିଳ୍ପ ବିକାଶକୁ ପ୍ରୋତ୍ସାହନ ଏବଂ ଯାତ୍ରୀ ସୁବିଧାକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି ।

## ନାଭି-ତ୍ରିଶୂଳ

ପାକିସ୍ତାନର ପଶ୍ଚିମ ସୀମାରେ ଭାରତର ତିନି ବାହିନୀ ପକ୍ଷରୁ ସମାରାଭ୍ୟାସ ତ୍ରିଶୂଳ ଜାରି ରହିଛି । ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ

ସୂଚନା ଦେଇ ନୌସେନା ଅପରେସନ୍ସ ମହାନିର୍ଦ୍ଦେଶକ ଭାଇସ୍ ଆଡମିରାଲ୍ ଏ.ଏନ୍. ପ୍ରମୋଦ କହିଛନ୍ତି, ଏହି ସମାରାଭ୍ୟାସ ଆସନ୍ତାମାସର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଭାରତୀୟ ସେନାର ଦକ୍ଷିଣ କମାଣ୍ଡ, ନୌସେନାର ପଶ୍ଚିମ କମାଣ୍ଡ, ବାୟୁ ସେନାର ଦକ୍ଷିଣ-ପଶ୍ଚିମ କମାଣ୍ଡ, ତଟରକ୍ଷୀ ବାହିନୀ, ବି.ଏସ୍.ଏଫ୍. ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ସଂସ୍ଥା ଏହି ସମାରାଭ୍ୟାସରେ ଅଂଶଗ୍ରହଣ କରୁଛନ୍ତି । ସମସ୍ତ ସାମୁଦ୍ରିକ ବାହିନୀ ଏବଂ ଆନ୍ତଃ ସେବା ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଲକ୍ଷ୍ୟ ନେଇ ସମାରାଭ୍ୟାସ ତ୍ରିଶୂଳ ଆରମ୍ଭ ହୋଇଛି ବୋଲି ଭାଇସ୍ ଆଡମିରାଲ୍ କହିଛନ୍ତି ।

## ଇଣ୍ଡିଆ-ୟୁଏଇ ଆମ୍ବାସଡ଼ର

ସଂଯୁକ୍ତ ଆବର ଏମିରେଟ୍ସରେ ଭାରତର ନୂତନ ରାଷ୍ଟ୍ରଦୂତ ଭାବେ ଡକ୍ଟର ଦୀପକ ମିତଲ ଦାୟିତ୍ୱ ଗ୍ରହଣ କରିଛନ୍ତି । ଭାରତୀୟ ବୈଦେଶିକ ସେବାର ୧୯୯୮ ବ୍ୟାଚ୍‌ର ଅଧିକାରୀ ଡକ୍ଟର ମିତଲ ପୂର୍ବରୁ ଇସ୍ରାଏଲ୍ ଏବଂ ବାଂଲାଦେଶରେ ଭାରତୀୟ ମିଶନ୍‌ରେ କାର୍ଯ୍ୟ କରିଛନ୍ତି ଓ ପୂର୍ବରୁ ହୋଚିମିନ୍ ସିଟିରେ ଭାରତର ଦୂତାବାସ ମହାନିର୍ଦ୍ଦେଶକ ଥିଲେ । ସେ ଭାରତର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଦୁଇଥର ପାଇଁ ନିର୍ଦ୍ଦେଶକ ଏବଂ ପରେ ଅତିରିକ୍ତ ସଚିବ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି । ଡକ୍ଟର ମିତଲ

ତାଙ୍କର କୂଟନୈତିକ ବିଶେଷଜ୍ଞତା ଏବଂ ଆଞ୍ଚଳିକ ଅଭିଜ୍ଞତା ପାଇଁ ବେଶ୍ ଜଣାଶୁଣା ।

## ପିଆଇବି-ଫାକ୍ଟ ଚେକ୍

ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଏକ ଭିଡ଼ିଓକୁ ସରକାର ଖଣ୍ଡନ କରିଛନ୍ତି । ଭାରତ' ବ୍ରିଟେନ୍ ଅର୍ଥନୀତିରୁ ବହୁ ପରିମାଣର ଅର୍ଥ ଉଠାଇଛି ବୋଲି ସେହି ଭିଡ଼ିଓରେ ଦାବି କରାଯାଇଛି । ପତ୍ର ସୂଚନା କାର୍ଯ୍ୟାଳୟ ପି.ଆଇ.ବି.ର ଫାକ୍ଟ ଚେକ୍ ୟୁନିଟି ସୂଚନା ଦେଇ କହିଛି, ଏହି ଦାବିର କୌଣସି ସତ୍ୟତା ନାହିଁ, ଏହା ସମ୍ପୂର୍ଣ୍ଣ ମିଥ୍ୟା । ସରକାର ଏପରି କୌଣସି ନିଷ୍ପତ୍ତି ନେଇନାହାନ୍ତି । ପି.ଆଇ.ବି. ନାଗରିକମାନଙ୍କୁ ସୂଚନା ସେୟାର୍ କରିବା ପୂର୍ବରୁ ସରକାରୀ ସୂତ୍ର ମାଧ୍ୟମରେ ଯାଞ୍ଚ୍ କରିବାକୁ ଅନୁରୋଧ କରିଛି । ନାଗରିକମାନଙ୍କୁ ୮୭୯୯୭୧୧୨୫୯ରେ କଲ୍ କରି କିମ୍ବା **factcheck@pib.gov.in** ଇମେଲ୍ ମାଧ୍ୟମରେ ଏପରି ନକଲି ଦାବି ରିପୋର୍ଟ କରିବାକୁ ପରାମର୍ଶ ଦିଆଯାଇଛି ।

# କ୍ରିକେଟ୍

ଅଷ୍ଟ୍ରେଲିଆ ବିପକ୍ଷ ଟି-ଟ୍ୱେଣ୍ଟି କ୍ରିକେଟ୍ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଭାରତକୁ ୪ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଆଜି ମେଲ୍‌ବୋର୍ଣ୍ଣରେ ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଭାରତ ପକ୍ଷରୁ ଅଭିଶେକ ଶର୍ମା ୩୭ଟି ବଲ୍‌ରୁ ୬୮ରନ୍ ଏବଂ ହର୍ଷିତ ରାଣା ୩୩ଟି ବଲ୍‌ରୁ ୩୫ରନ୍ ସଂଗ୍ରହ କରିଥିଲେ । ଅନ୍ୟ କୌଣସି ବ୍ୟାଟସ୍‌ମ୍ୟାନ୍ ଦୁଇ ଅଙ୍କ ଛୁଇଁପାରି ନ ଥିଲେ । ୧୮ ଦଶମିକ୍ ୪ ଓଭରରେ ଭାରତ ସମସ୍ତ ଓ୍ୱିକେଟ୍ ହରାଇ ୧୨୫ରନ୍ କରିବାକୁ ସକ୍ଷମ ହୋଇଥିଲା । ୧୨୬ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ୧୩ ଦଶମିକ୍ ୨ ଓଭରରେ ୬ ଓ୍ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା ।

କାନ୍‌ବେରାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା । ଟି-ଟ୍ୱେଣ୍ଟି ଶୃଙ୍ଖଳାରେ ଆଉ ୩ଟି ମ୍ୟାଚ୍ ଖେଳାଯିବ ।